# ପିଲାଙ୍କ ଧରିତ୍ରୀ

ଶନିବାର, ୩ ଅଗଷ୍ଟ, ୨୦୧୯

ଫୁଲ୍... ଫୁଲ୍ ୩







କବିତା ୬

ଆଇନା ୮

ଜଣା ଅଜଣା ୭






# ମୋ କାମ ମୁଁ କରୁଛି

**ଗପ**

ନଦୀ କୂଳରେ ଜଙ୍ଗଲଟିଏ ଥିଲା। ସେହି ଜଙ୍ଗଲରେ ବିଭିନ୍ନ ପ୍ରକାରର ପଶୁପକ୍ଷୀ ବାସ କରୁଥିଲେ। ସମସ୍ତେ ଗୋଟିଏ ପରିବାର ପରି ଚଳୁଥିଲେ ଏବଂ ପରସ୍ପର ସୁଖଦୁଃଖରେ ସାଥୀ ହେଉଥିଲେ। ଦିନେ ହଠାତ୍ ଜଙ୍ଗଲର ଗୋଟିଏ ପାର୍ଶ୍ୱରେ ନିଆଁ ଲାଗିଗଲା। ସବୁ ଜୀବଜନ୍ତୁ ପ୍ରାଣ ଭୟରେ ଜଙ୍ଗଲ ବାହାରକୁ ଆସି ପାଖରେ ଥିବା ନଦୀକୂଳରେ ଠୁଳ ହେଲେ। ସମସ୍ତେ ଚିନ୍ତା କରୁଥା'ନ୍ତି କିପରି ନିଆଁ ଲିଭାଇବେ। ଠିକ୍ ସେତିକିବେଳେ ସେମାନେ ଦେଖିଲେ, ଗୋଟିଏ ଛୋଟ ଚଢ଼େଇ ନଦୀ କୂଳରୁ ଯାଇ ଥଣ୍ଟରେ କିଛି ପାଣି ଧରି ନିଆଁ ଉପରେ ପକାଇବାରେ ଲାଗିଛି। ତା'ର ଏହି କାର୍ଯ୍ୟକୁ ଦେଖି ସବୁ ପଶୁପକ୍ଷୀ ତାକୁ ଡାକି କହିଲେ, 'ତୁ କ'ଣ ଭାବୁଛୁ ଏତିକି ପାଣିରେ ଜଙ୍ଗଲର ନିଆଁ ଲିଭିଯିବ'। ଟିକି ଚଢ଼େଇଟି କହିଲା 'ମୁଁ ଜାଣେ ମୋ ଦ୍ୱାରା ଏହି ନିଆଁ କଦାପି ଲିଭିବ ନାହିଁ। କିନ୍ତୁ ମୁଁ ମୋର କର୍ତ୍ତବ୍ୟ କରୁଛି। ଯଦି ଆମେ ସମସ୍ତେ ପାଣି ଆଣି ନିଆଁରେ ପକାଇବା, ତା'ହେଲେ ନିଆଁ ଲିଭିଯିବାର ସମ୍ଭାବନା ଅଛି। ଚଢ଼େଇର ଏହିକଥା ସମସ୍ତଙ୍କ ମନକୁ ପାଇଲା ଏବଂ ଯାହାଦ୍ୱାରା ଯେତିକି ହେଲା, ସମସ୍ତେ ନଦୀରୁ ପାଣି ଆଣି ନିଆଁରେ ପକାଇଲେ। ଚାହୁଁ ଚାହୁଁ ନିଆଁ ଲିଭିଗଲା'। ସମସ୍ତେ ଚଢ଼େଇକୁ ପ୍ରଶଂସା କଲେ। ପିଲାମାନେ ! ଆମେ ସମସ୍ତେ ଯଦି ନିଜ ନିଜର କର୍ତ୍ତବ୍ୟ ପାଳନ କରିବା ଏବଂ ମିଳିମିଶି କାମ କରିବା ତା'ହେଲେ ଅସମ୍ଭବକୁ ସମ୍ଭବ କରିପାରିବା। ଏହି ଗପରୁ ଆମେ ଏଇ କଥା ଶିଖିଲେ।



**–ନିଷ୍ଠାର ଅଲ୍ଲୀ ଦାମାନୀ**
ବଚପନ ପ୍ଲେ ସ୍କୁଲ,
ମିଶ୍ରପଡ଼ା, ହାକିମ୍ ପଡ଼ା,
ଅନୁଗୋଳ
ମୋ:୯୮୫୩୩୫୩୭୦୬

## ମତାମତ

- ଏତେ କମ୍ ବୟସରେ ସ୍ନେହାଶ୍ରୀଙ୍କର ବହୁମୁଖୀ ପ୍ରତିଭା ନିଶ୍ଚୟ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ।
  – **ଦୀପକ କୁମାର ବେହେରା,** ଗଙ୍ଗନଗର, ଭୁବନେଶ୍ୱର
- ଏଥରର ପ୍ରଶ୍ନରେ ପ୍ରକାଶ ପାଉଥିବା 'କେଉଁଟି ଅଲଗା'ର ପ୍ରଶ୍ନୋତ୍ତର ଆମ ମାନଙ୍କ ପାଇଁ ବେଶ୍ ଉପାଦେୟ ହେଉଛି।
  – **ସୋନା, ମୋନା,** କାଳିଆପାଣି, ଖୋର୍ଦ୍ଧା
- ଗପ ସ୍ତମ୍ଭରେ ପ୍ରକାଶିତ 'ଭାରି ଦରକାରୀ ଅଦରକାରୀ' ବେଶ୍ ଶିକ୍ଷଣୀୟ ଥିଲା।
  – **ଆଶ୍ରିତା ସାହୁ,** ଘଷିପୁରା, କେନ୍ଦୁଝର
- ଆସ ଜାଣିବା ସ୍ତମ୍ଭରେ ସ୍ଥାନିତ 'ଅପ୍ ସାଇଡ୍ ମ୍ୟୁଜିୟମ୍' ବାସ୍ତବରେ ଆଶ୍ଚର୍ଯ୍ୟଜନକ ସ୍ଥାନ।
  – **ଚନ୍ଦନ ପଟ୍ଟନାୟକ,**ଝରିଗାଁ, ନବରଙ୍ଗପୁର

## ଖି ଖି ଲି ଲି — ହସ

ଗୋଲୁ ଦିନେ ଚୁଟି କାଟିବାକୁ ସେଲୁନ୍ ଗଲା।
ଗୋଲୁ: ଜଲ୍‌ଦି ମୋର ଚୁଟି କାଟିଦିଅ ଘରେ ମା' ଅପେକ୍ଷା କରିଛନ୍ତି।
ସେଲୁନ୍‌ବାଲା : ଚୁଟି କେତେ ଛୋଟ କାଟିବି ?
ଗୋଲୁ: ଏତେ ଛୋଟ କାଟ ଯେ ମାମାଙ୍କ ହାତରେ ଯେମିତି ଚୁଟି ନ ଆସେ !

ଶିକ୍ଷକ: ପିଲାମାନେ, କହିଲ– କଣ୍ଟା ଭରା ରାସ୍ତାରେ କିଏ ତୁମ କାମରେ ଆସିବ ?
ମିନି: ସାର୍ ମୁଁ କହିବି ?
ଶିକ୍ଷକ: ହଁ, କୁହ ମିନି
ମିନି: ସାର୍, ଚପଲ ହିଁ କାମରେ ଆସିବ।

**ମ୍ୟାଥ୍ କ୍ଲାସ ଚାଲିଥିବା ସମୟରେ**
ଶିକ୍ଷକ ପିଲାଙ୍କୁ ପଚାରିଲେ : ଯଦି ଏକ ହଜାର କିଲୋ ଗୋଟେ ଟନ୍ ସହ ସମାନ ତେବେ ୩୦୦୦କିଲୋ କେତେ ଟନ୍ ହେବ ? ପପୁ ତମେ କୁହ ।
ପପୁ: (ଡରିଯାଇ ସାର୍‌ଙ୍କୁ ଅନାଇ କହିଲା)–ସାର୍, ଏହାର ଉତ୍ତର ଟନ୍,ଟନ୍,ଟନ୍।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# କୁମୁଟରିଆ ସରକାରୀ ହାଇସ୍କୁଲ୍

## କୁଆଁରମୁଣ୍ଡା, ସୁନ୍ଦରଗଡ଼

ସ୍ଥାପିତ–୧୯୫୮
ଶ୍ରେଣୀ–୧ରୁ ୧୦ମ
ଛାତ୍ରୀଛାତ୍ର ସଂଖ୍ୟା–୧୧୧୭
ଶିକ୍ଷୟିତ୍ରୀ ଶିକ୍ଷକ ସଂଖ୍ୟା–୧୭

### ପ୍ରଧାନ ଶିକ୍ଷକଙ୍କ ମତରେ....



ସରକାରୀ ସ୍କୁଲ କୌଣସି ଗୁଣରେ କମ୍ ନୁହେଁ ବୋଲି ଆମ ସ୍କୁଲ ପ୍ରମାଣିତ କରିସାରିଛି। ମୁଁ ଯେତେବେଳେ ଏହି ସ୍କୁଲରେ ଯୋଗଦେଇଥିଲି ଏହାର ଶୋଚନୀୟ ଅବସ୍ଥା, ପରିବେଶ ଦେଖି ଦୁଃଖ ଲାଗିଥିଲା। ଆଜି ତାହା ବଦଳି ଯାଇଛି। ଏଠାକାର ପରିଛନ୍ନତା, ପରିବେଶ, ଶିକ୍ଷାଦାନ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରୁଛି। ପିଲାଙ୍କ ପାଇଁ କିଛି କରିବାର ଲକ୍ଷ୍ୟ ନେଇ ଆଗେଇ ଚାଲିଛି। ସବୁପିଲା ଯେମିତି ଭଲ ମଣିଷ ହୋଇ ବାହାରିବେ ସେହି ଲକ୍ଷ୍ୟ ରଖିଛି।

**– ସଞ୍ଜୟ କୁମାର ସାମଲ**
ପ୍ରଧାନ ଶିକ୍ଷକ

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କୁମୁଟରିଆଠାରେ ସମ୍ପୂର୍ଣ୍ଣ ଗ୍ରାମୀଣ ପରିବେଶରେ ଗଢିଉଠିଛି ଏହି ବିଦ୍ୟାଳୟ। ପ୍ରାକୃତିକ ପରିବେଶରେ ଗୁରୁକୁଳ ଢାଞ୍ଚାରେ ଏଠାରେ ଚାଲିଛି ଶିକ୍ଷାଦାନ। ଛାତ୍ରାବାସ ସୁବିଧା ଥିବାରୁ କୁଆଁରମୁଣ୍ଡା ବ୍ଲକ ସମେତ ଜିଲାର ଅନ୍ୟ ଅଞ୍ଚଳ ତଥା ଜିଲା ବାହାରୁ ପିଲାମାନେ ଆସି ଏଠାରେ ପଢୁଛନ୍ତି। ଏଠାରେ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷାଦାନ ସହ ଡିଜିଟାଲ କ୍ଲାସ ରୁମ, କମ୍ପ୍ୟୁଟର ଶିକ୍ଷାଦାନ ଆଦିର ବ୍ୟବସ୍ଥା ମଧ୍ୟ ରହିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପାଠ୍ୟକ୍ରମ ଏଠାରେ ପ୍ରଚଳିତ। ସରକାରୀ ବିଦ୍ୟାଳୟ ହେଲେ ମଧ ଅନ୍ୟ ବିଦ୍ୟାଳୟଠାରୁ ଏହା ସ୍ୱତନ୍ତ୍ର। କେବଳ ଶିକ୍ଷାଦାନ ନୁହେଁ ଶୃଙ୍ଖଳା, ପରିଛନ୍ନତା, କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ବିଦ୍ୟାଳୟ ଜିଲାର ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ପରିଛନ୍ନତାରେ ସ୍ୱଚ୍ଛ ବିଦ୍ୟାଳୟ ଭାବେ ଜାତୀୟ ସ୍ତରରେ ପରିଚୟ ପାଇଛି। ଏଠାରେ ପିଲାଙ୍କୁ ଶିକ୍ଷାଦାନ ସହିତ ରାଷ୍ଟ୍ରଭକ୍ତି, ଭଲ ମଣିଷ ହେବା ଆଦି ଉପରେ ଗୁରୁତ୍ୱ ଦିଆଯାଇଥାଏ। ବିଦ୍ୟାଳୟର ସୁନ୍ଦର ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରେ। ଏହି ବିଦ୍ୟାଳୟ ଜିଲାର ଅନ୍ୟ ବିଦ୍ୟାଳୟଗୁଡ଼ିକ ପାଇଁ ଆଦର୍ଶ ପାଲଟିଛି। ଏହାକୁ ବିଦ୍ୟାଳୟ ନ କହି ମଣିଷ ତିଆରି ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଦ୍ୟାଳୟରେ ବିଭିନ୍ନ ଜାତୀୟ ଦିବସ ସହ ଗଣେଶପୂଜା, ସରସ୍ୱତୀ ପୂଜା, ଗୁରୁଦିବସ, ଶିଶୁଦିବସ ଆଦି ଅତି ଆଡମ୍ବର ସହ ପାଳନ କରାଯାଏ। ଅନେକ ଅସହାୟ ଅନାଥ ଓ ଗରିବ ପିଲାଙ୍କୁ ଆଣି ପ୍ରଧାନ ଶିକ୍ଷକ ନିଜ ଖର୍ଚ୍ଚ ଓ ତତ୍ତ୍ୱାବଧାନରେ ପାଠପଢେଇବାର ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ସମୟରେ ବିଦ୍ୟାଳୟ ପରିଭ୍ରମଣରେ ଆସୁଥିବା ଶିକ୍ଷା ନିର୍ଦ୍ଦେଶକ, ଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍, ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଲୋକ ପ୍ରତିନିଧି ବିଦ୍ୟାଳୟର ପ୍ରଶଂସା କରିଯାଇଛନ୍ତି। ଏହି ବିଦ୍ୟାଳୟ ଦିନେ ଅବହେଳିତ ହୋଇରହିଥିଲା। ତେବେ ପ୍ରଧାନ ଶିକ୍ଷକ ସଞ୍ଜୟ ସାମଲ ଏଠାକୁ ଆସିବା ପରେ ତାଙ୍କ ଉଦ୍ୟମ ତଥା ସମସ୍ତଙ୍କର ସହଯୋଗ କ୍ରମେ ଏହାର ରୂପ ବଦଳି ଯାଇଛି ବୋଲି ବହୁ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମତ ଦିଅନ୍ତି।

**–ରିପୋର୍ଟ:** ମହେନ୍ଦ୍ର କୁମାର ସାହୁ



ସ୍କୁଲରେ ଶିଶୁ ଦିବସ ପାଳନ



ହକି ପ୍ରତିଯୋଗିତା



ବାର୍ଷିକ ଉତ୍ସବରେ ନାଟକ ପରିବେଷଣ



ଅତିଥିଙ୍କ ଗହଣରେ ସ୍କୁଲର ଛାତ୍ରୀଛାତ୍ର





ସ୍ୱାଧିନତା ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ

### ପ୍ରତିଭାଙ୍କ ସମ୍ପର୍କରେ



୧



୨



୩



୪

**(୧) ଦିବ୍ୟା ଗିଧି, ଶ୍ରେଣୀ ୧୦ମ**

ଜଣେ ମେଧାବୀ ଛାତ୍ରୀ ତଥା ଦକ୍ଷ ଖେଳାଳି ଭାବେ ପରିଚିତା। ବିଦ୍ୟାଳୟ ତରଫରୁ ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ୨୦୧୯, ଜାନୁୟାରୀରେ ରାଜଧାନୀ ଦିଲ୍ଲୀରେ ଆୟୋଜିତ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହେବା ସହ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

**(୨) ଶିଲ୍ପା ସାହୁ, ଶ୍ରେଣୀ ୧୦ମ**

ଜଣେ ମେଧାବୀ ଛାତ୍ରୀ। ଭବିଷ୍ୟତରେ ଡାକ୍ତର ହେବା ସହ ଜଣେ କଳାକାର ହେବାକୁ ଲକ୍ଷ୍ୟ ରଖିଥିବା ଶିଳ୍ପା ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ୨୦୧୮ରେ ନିଜର ପାରଦର୍ଶିତା ଦେଖାଇଥିଲେ। ସେ ଜିଲାସ୍ତରରେ ବିଜ୍ଞାନ ଡ୍ରାମା, କୁଇଜରେ ମଧ୍ୟ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

**(୩) କରନ ସାହୁ**

ଚଳିତବର୍ଷ ମେଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବି (୧) ଗ୍ରେଡ ରଖି ବ୍ଲକ ସ୍ତରରେ ପ୍ରଥମ ହୋଇଛନ୍ତି। ସେ ବିଦ୍ୟାଳୟର ଜଣେ ତାରକା ଛାତ୍ର ଭାବେ ପରିଚିତ ଥିଲେ।

**(୪) ପୂଜା ପୂର୍ତ୍ତି, ୧୦ମ**

ଜଣେ ମେଧାବୀ ଛାତ୍ରୀ। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ପ୍ରତିଭା ଦେଖାଇଛନ୍ତି। କମ୍ପ୍ୟୁଟର, ନୃତ୍ୟ, ସଙ୍ଗୀତ ଶିକ୍ଷାକୁ ପ୍ରାଧାନ୍ୟ ଦେଉଥିବା ପୂଜା ଜଣେ ଭଲ କଳାକାର।

# ତୁମ ତୂଳୀରୁ



୧
**ସୌଦାଗର ସାହୁ**
କ୍ଲାସ - ୮ , ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଘମୁଣ୍ଡ, ପାଟଣାଗଡ, ବଲାଙ୍ଗୀର



୨
**ଆରାଧ୍ୟା ମହାନ୍ତି**
କ୍ଲାସ-ୟୁ କେଜି, ଡି.ଏ.ଭି ପବ୍ଲିକ୍ ସ୍କୁଲ୍, ଝାରସୁଗୁଡା



୩
**ଅଂଶୁମାନ ଖୁଣ୍ଟିଆ**
କ୍ଲାସ-୫,ଡି.ଏ.ଭି ପବ୍ଲିକ୍ ସ୍କୁଲ,ୟୁନିଟ୍-୮, ଭୁବନେଶ୍ୱର



୪
**ଆଦିତି ପୃଷ୍ଟି**
କ୍ଲାସ-୬, କେଭି-୪, ନୀଳାଦ୍ରି ବିହାର, ଭୁବନେଶ୍ୱର



୫
**ପ୍ରତ୍ୟୁଷା ସାମନ୍ତରାୟ**
କ୍ଲାସ-୧୦, ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ



୬
**ମନସ୍ୱିନୀ ସାହୁ**
କ୍ଲାସ-୯,କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



୭
**ଶ୍ରେୟାଂଶୁ ହୋତା**
କ୍ଲାସ - ୨, ସାରସ୍ୱତ ବାଲ୍ ମନ୍ଦିର, ଜୟପୁର




୮
**ବୈଭବ ମୁଣ୍ଡ**
କ୍ଲାସ-୧୦, ଶ୍ରୀ ପ୍ରକାଶ ବିଦ୍ୟାନିକେତନ, ବିଶାଖାପାଟଣା



୯
**ଅନୁଷ୍କା ବେଉରା**
କ୍ଲାସ-୫, ସେଣ୍ଟ ଜୋସେଫ୍ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର



୧




୨




୩



୪



୫




୬



୭



୮



୯

# କ ବି ତା

## ବରଷା ଆସେ




ଘଡ଼ଘଡ଼ି ମାରି ବରଷା ଆସେ
ରୋଷଣୀ ଜାଳିକି ବିଜୁଳି ଦିଶେ।
ଧଣ୍ଡ ସାପ ଆସେ ବର ବେଶରେ
ବରଯାତ୍ରୀ ମୀନ ନାଚେ ଖୁସିରେ।
ସାରୁଗଛ ମୂଳେ ଛତାଟି ଟାଣି
ଦୁଃଖରେ ବସିଛି ବେଙ୍ଗୁଲୀ ନାନୀ।
କନିଆ ହୋଇ ସେ ଯିବ କେମିତି ?
ସାପ ସାଥେ ତା'ର ପଡ଼ିଛି କଟି।
ପଣ କରିଅଛି ବେଙ୍ଗୁଲୀ ନାନୀ
ମଦୁଆ ବରକୁ ବାହା ହେବନି।

– ଦେବଦତ୍ତ
ସ୍ମାଇଲ ପାଠାଗାର, ବଡଓରା,
କଣାସ, ପୁରୀ

## ଗଛ

ଏଇ ଗଛ ପାଇଁ ଆମ ଚାରିପଟ
ସବୁଜ ସୁନ୍ଦର ଦିଶେ,
ମନ ମୋହିନିଏ ସକାଳଠୁ ସଞ୍ଜ
ନିଜର ନିଜର ବାସେ।
ଏଇ ଗଛ ପାଇଁ ବରଷାର ଧାରା
ଝରିଥାଏ ପୃଥିବୀରେ
ଚାଷୀ ଭାଇ ଆମ ଖୁସି ହୁଏ ଦେଖି
ଶସ୍ୟ ଶ୍ୟାମଳା ଜମିରେ।
ଏଇ ଗଛ ପାଇଁ ଶୁଦ୍ଧ ଅମ୍ଳଜାନ
ମିଳିଥାଏ ମଣିଷକୁ,
ଦୂଷିତ ବାୟୁକୁ ଶୋଷଣ କରି ସେ
ରଖଇ ସୁସ୍ଥ ଆମକୁ।
ଏଇ ଗଛ ପାଇଁ ପଥିକକୁ ଛାଇ
ଅପାର ଆନନ୍ଦ ଦିଏ,
ଦୂର ପଥ ଯେତେ ପାଖ ପରି ଲାଗେ
ସଅଳ ପହଞ୍ଚିଯାଏ।
ଏଇ ଗଛ ପାଇଁ ଜନମୁ ମରଣ
ଉପକାର ମିଳିଥାଏ,
ସୁଖରେ ଶାନ୍ତିରେ ଜୀବନଟି ଆମ
ନିତିଦିନ ଚାଲିଥାଏ।
ଗୋଟେ ଗୋଟେ ଗଛ ଜନମ ଦିନରେ
ଆସ ପିଲେ ଲଗାଇବା,
ମରଣ କବଳୁ ନିଇତି ଧରାରୁ
ଜୀବନକୁ ବଞ୍ଚାଇବା।

– ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝରଗଡ଼
ମୋ: ୭୬୮୩୮୬୭୭୪୨



## ପାର୍ଥକ୍ୟ ଦର୍ଶାଅ





# ୱେବ୍ ଡିଜାଇନିଂ ଯାହାର ନିଶା

## ଶିଶୁ ପ୍ରତିଭା

ତାଙ୍କର ବୟସ ମାତ୍ର ୧୨ବର୍ଷ। ହେଲେ ଏତେ କମ୍ ବୟସରେ ସେ ନିଜକୁ ଜଣେ ୱେବ ଡିଜାଇନର ଭାବରେ ପରିଚିତ କରାଇପାରିଛନ୍ତି। ସେ ହେଲେ ମା' ରଶ୍ମିତା ଓ ପିତା ସରୋଜ କୁମାର ରାଉତଙ୍କ ପୁତ୍ର ଆୟୁଷ ରଞ୍ଜନ ରାଉତ। ୱେବ ଡିଜାଇନିଂ ପ୍ରତି କାହିଁକି ଆକର୍ଷିତ ହେଲେ ବୋଲି ପ୍ରଶ୍ନର ଉତ୍ତରରେ ରାଉରକେଲାରେ ଜନ୍ମିତ ଆୟୁଷ କୁହନ୍ତି, 'ୱେବ୍ ଡିଜାଇନ୍ ପ୍ରତି ଆକର୍ଷିତ ହେବାର କାରଣ ମୋ ବାପା ଜଣେ ନ୍ୟୁଜ୍ ପୋର୍ଟାଲର ସମ୍ପାଦକ। ବାପାଙ୍କର ନ୍ୟୁଜ୍ ପୋର୍ଟାଲ ପାଇଁ ବିଭିନ୍ନ ୱେବ୍ ଡିଜାଇନ୍‌ରଙ୍କ ସହ କଥାବାର୍ତ୍ତା ସମୟରେ ମୁଁ ଲକ୍ଷ୍ୟ କଲି ଯେ, ୱେବ୍ ଡିଜାଇନରମାନେ ଉପଯୁକ୍ତ ଟଙ୍କା ନେଉଥିଲେ ମଧ୍ୟ ବାପାଙ୍କ ପସନ୍ଦ ମୁତାବକ କାମ ହୋଇପାରୁ ନ ଥିଲା। ବାପା ସେଥିଲାଗି ଅପ୍‌ସେଟ୍ ରୁହନ୍ତି। ତେଣୁ ତାଙ୍କୁ ସାହାଯ୍ୟ କରିବା ପାଇଁ ମନସ୍ଥ କଲି। ଯଦି ମୁଁ ୱେବ୍ ଡିଜାଇନ୍ ଶିଖିଯାଆନ୍ତି ତେବେ ବାପାଙ୍କୁ ନିଶ୍ଚୟ ସାହାଯ୍ୟ କରିପାରନ୍ତି। ସେଥିପାଇଁ ମୁଁ ୟୁ ଟ୍ୟୁବ୍‌ର ସାହାଯ୍ୟ ନେଇ ଓ ସଫଳତାର ସହ ଶିଖି ପାରିଲି। ବାପାଙ୍କୁ ସାହାଯ୍ୟ କରିବା ମୁତାବକ ଟପିକ୍‌କୁ ମୁଁ ଡିଜାଇନ୍ କରିଥାଏ। ଏ ପର୍ଯ୍ୟନ୍ତ ମୁଁ ଇଂରାଜୀ, ଓଡ଼ିଆ ଓ ହିନ୍ଦୀରେ ୩ଟି ନ୍ୟୁଜ୍ ପୋର୍ଟାଲ ଓ ଗୋଟିଏ ଭିଡିଓ ପୋର୍ଟାଲ ନିର୍ମାଣ କରି ସାରିଛି। ଆହୁରି ମଧ୍ୟ ୪ଟି ପୋର୍ଟାଲ ପାଇଁ ପ୍ରସ୍ତାବ ରହିଛି। ଏହାବ୍ୟତୀତ ୨ଟି ନ୍ୟୁଜ୍ ପୋର୍ଟାଲର ଆଧୁନିକୀକରଣରେ ସାହାଯ୍ୟ ମଧ୍ୟ କରିସାରିଛି। ଏଥିପାଇଁ ମୋ ବାପା ଓ ମା'ମୋତେ ପ୍ରେରଣା ଦେଇଥାନ୍ତି। ବିଲ୍ ଗେଟ୍‌ସଙ୍କୁ ସେ ନିଜର ଆଦର୍ଶ ମାନନ୍ତି। ଆୟୁଷଙ୍କର ଆଇଟି ପ୍ରତି ଆଗ୍ରହ ରହିଛି। ଭବିଷ୍ୟତରେ ସେ ରାଉରକେଲା ଏନ୍‌ଆଇଟିରେ ପଢ଼ିବା ପାଇଁ ମଧ୍ୟ ସ୍ଥିର କରିଛନ୍ତି। ଅନ୍ୟପକ୍ଷରେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି । ବରଗଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ଲାସ୍-୭ରେ ପଢୁଥିବା ଆୟୁଷ ପୁଣି କହନ୍ତି, 'ମୋ ଭଉଣୀ ନାମରେ 'ଆଦ୍ୟାଶା ୱେବ୍ ସଲ୍ୟୁସନ୍'ନାମକ ଏବେ ଏକ ୱେବ୍ କମ୍ପାନୀ ଖୋଲିବାକୁ ଏମ୍‌ଏସ୍‌ଏମ୍‌ଇରେ ରେଜିଷ୍ଟ୍ରେଶନ ଲାଗି ଆବେଦନ କରିଛି। ଆଇଟି ଉପରେ ରିସର୍ଚ୍ଚ କରିବା ଏବଂ ଏଚ୍ ଟିଏମ୍/ସିଏସ୍‌ଏସ୍/ ଜାଭା/ସିପ୍ଲସ୍‌ପ୍ଲସ୍ ଇତ୍ୟାଦି ପ୍ରୋଗ୍ରାମିଂ ଲାଙ୍ଗୁଏଜ୍‌ରେ କୋଡିଂ କରିବା ସହ ଭିଡିଓ ଏଡିଟିଂ ଶିଖିବା ଏବଂ ଡ୍ୟାନ୍ସରେ ରୁଚି ରହିଛି। ଏସବୁ ବ୍ୟତୀତ ବିଭିନ୍ନ ବହି ପଢ଼ି ପୃଥିବୀର ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ବିଷୟରେ ଜାଣିବାକୁ ସବୁବେଳେ ଚେଷ୍ଟା କରେ।'



ଆୟୁଷ ରଞ୍ଜନ

– ମହାଶ୍ୱେତା

## ଏଥରର ପ୍ରଶ୍ନ

- ଭାରତ କେଉଁ ମହାଦେଶରେ ଅବସ୍ଥିତ ?
- ଥାଇଲାଣ୍ଡର ରାଜଧାନୀର ନାଁ କ'ଣ ?
- ଆୟତନ ଅନୁଯାୟୀ ପୃଥିବୀର ସର୍ବବୃହତ୍ ଦେଶ କେଉଁଟି ?
- ପୃଥିବୀର କେଉଁ ଦେଶର ଜନସଂଖ୍ୟା ସବୁଠାରୁ ଅଧିକ ?
- ପୃଥବୀର ବୃହତ୍ତମ ମରୁଭୂମି ସାହାରା କେଉଁ ମହାଦେଶରେ ଅବସ୍ଥିତ ?

## ଆରଥରର ଉତ୍ତର

- ହ୍ୱେଲ
- ଖଣ୍ଡା
- ଆୟୋଡିନ୍
- ବିଲୁଆ
- ତ୍ରିଭୁଜ

## କହିଲ ଦେଖି



ବାଣ ନୁହେଁ କିନ୍ତୁ ଫୁଟଇ ସିଏ
ସଭିଙ୍କ ମନରେ ଭୟ ଜନ୍ମାଏ
ଇଚ୍ଛା ହେଲେ ତା'ର ଆସଇ ଧାଇଁ
ଆସିବା ଠିକଣା ନ ପାଏ କେହି
ବର୍ଷାରାଣୀକୁ ସ୍ୱାଗତ କରିବା ପାଇଁ
ଆସୁଥାଏ ସିଏ ବାଜା ବଜେଇ।

**ଉତ୍ତର: ଘଡ଼ଘଡ଼ି**

ବରଷା ସାଥିରେ ଆକାଶୁ ପଡେ
କିଛିକ୍ଷଣ ପାଇଁ ଭୂଇଁରେ ଗଡେ
ତା' ଯୋଗୁ ହତାଶ କୃଷକ ଭାଇ
ଗଛରୁ ଫଳକୁ ଦିଏ ଝଡେଇ
କିଏ ସେ ଦେଖିଛି
ସେହି ଦରବ
ନାମଟି ତାହାର କୁହ
କିଏ କହିବ।



**ଉତ୍ତର: କୁଆପଥର**



ବର୍ଷା ଛାଡିଗଲେ ସେ ପରା ଆସେ
ମେଘ ଆକାଶରେ ମୁରୁକି ହସେ
ସାତଟି ରଙ୍ଗରେ ସଜେଇ ହୋଇ
ସଭିଙ୍କ ମନକୁ ନିଏ ଚୋରେଇ
କେବେ ସେ ଆସିବ ନଜାଣେ କେହି
ଭାରି ମନଲୋଭା ଅଟଇ ସେହି।

**ଉତ୍ତର: ଇନ୍ଦ୍ରଧନୁ**

ବରଷା ସାଥିରେ କରଇ ପ୍ରୀତି
ରହିଥାଏ ହୋଇ ତାହାରି ସାଥୀ
କଳାମେଘ ଯେବେ ଅନ୍ଧାର ଆଣେ
ସେତେବେଳେ ସିଏ ଆଲୋକ ବୁଣେ
କିଏ ସେ ପାରିବ
ତା' ନାମ କହି
ବର୍ଷା ଆଗମନେ
ଆସଇ ଧାଇଁ।



**ଉତ୍ତର: ବିଜୁଳି**


– ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର,
ଯାଜପୁର, ମୋ:୮୮୯୨୩୦୧୧୪୩



✲ ଆମେରିକାର ଲୁସିଆନା ହ୍ରଦଠାରେ ବିରଳ ପିଙ୍କ୍ ବଟଲନୋଜ୍ ଡଲଫିନ ଆବିଷ୍କାର କରାଯାଇଛି ଯାହା ଦେଖିବାକୁ ଗୋଲାପି ରଙ୍ଗର।



✲ ଖିର ଏବଂ ମାଛ ଖାଉଥିବା ବିଲେଇ ବେଳେବେଳେ ଘାସ ଖାଉଥିବାର ମଧ୍ୟ ଦେଖାଯାଏ। ତେବେ ଖାଦ୍ୟ ହଜମ ହେବା ଲାଗି ସେମାନେ ଏଭଳି ଘାସ ଖାଇଥାନ୍ତି।



✲ ବୃହତ ଶରୀର ସତ୍ତ୍ୱେ ହାତୀମାନେ ପହଁରିବାରେ ମାହିର। ଆଫ୍ରିକୀୟ ହାତୀ ଏକାଥରରେ ୬ ଘଣ୍ଟା ପର୍ଯ୍ୟନ୍ତ ପହଁରିପାରେ।



✲ କାଉ ଅନ୍ୟ ପ୍ରାଣୀଙ୍କର ଲାଞ୍ଜ ଟାଣିବାକୁ ଭଲ ପାଇଥାଏ। ଏହାଦ୍ୱାରା ସେ ପ୍ରାଣୀଙ୍କର ଦୃଷ୍ଟିଭଙ୍ଗ କରି ସେମାନଙ୍କ ଖାଦ୍ୟ ଚୋରି କରି ଖାଇଯାଇଥାଏ।



✲ ନିଉଗିନିରେ ଭୋଗେଲକପ ବାର୍ଡ ଅଫ୍ ପାରାଡାଇଜ୍ ନାମକ ଏକ ପକ୍ଷୀ ପ୍ରଜାତି ଆବିଷ୍କାର କରାଯାଇଛି ଯେ ନିଜ ସାଥୀକୁ ଆକର୍ଷିତ କରିବା ପାଇଁ ନିଜ ପରକୁ ଉପରକୁ ଉଠାଇ ନୃତ୍ୟକରିବା ସହ ଗୀତ ମଧ୍ୟ ଗାଇଥାଏ।

# ଜଣା ଅଜଣା



✲ ୧୬୦୦ ଶତାବ୍ଦୀରେ ହଲାଣ୍ଡରେ ଟ୍ୟୁଲିପ ଫୁଲର ମୂଲ୍ୟ ଏତେ ଅଧିକ ଥିଲା ଯେ ଏହା ସୁନାର ମୂଲ୍ୟ ସଦୃଶ ବିକ୍ରି ହେଉଥିଲା।

# ଆଇନା



ଦେବାଙ୍ଗୀ
୧୦ ବର୍ଷ




ଦିବ୍ୟାଂଶୁ
୭ ବର୍ଷ



ରୁପୁନ୍
୫ ବର୍ଷ